ODM EDUCATIONAL GROUP
*Changing your Tomorrow*

# MORNING PRAYER





CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# ODM PUBLIC SCHOOL

**SESSION :6**
**CLASS :3**
**SUBJECT : ODIA**
**CHAPTER NUMBER: 10**
**CHAPTER NAME : ଗାଁ ବୁଲା**
**SUBTOPIC : ପଠନ କ୍ରିୟା ଓ ଅଭ୍ୟାସ-୧,୨ ଓ ୩(ଯୁକ୍ତାକ୍ଷର ଶବ୍ଦ)**

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

## ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ,ପଠନ ,ଯୁକ୍ତାକ୍ଷର ଶବ୍ଦ ଉଚ୍ଚାରଣ ଓ ଲିଖନ ଶୈଳୀ ର ଅଭିବୃଦ୍ଧି କରାଇବା  |



ODM EDUCATIONAL GROUP






# ଗାଁ ବୁଲା


ODM EDUCATIONAL GROUP



# ଗାଁ ବୁଲା

ପୁରୁଷୋତ୍ତମପୁର ଗାଁରେ ତିଳୋତ୍ତମା ଦେବୀଙ୍କ ଘର । ପ୍ରଥମାଷ୍ଟମୀ ଦୁଇଦିନ ଥାଏ । ତିଳୋତ୍ତମା ଦେବୀ ତାଙ୍କ ଝିଅ ଅନୁଷ୍କାକୁ ଧରି ବଜାର ବାହାରିଲେ । ବାଟରେ ପୋଷ୍ଟ ଅଫିସ ଦେଖି ଅନୁଷ୍କା ପଚାରିଲା ''ମା', ଏଠାରେ କ'ଣ

















ODM EDUCATIONAL GROUP





ହୁଏ ?'' ତିଳୋତ୍ତମା ଝିଅର କଥାଶୁଣି ଉତ୍ତର ଦେଲେ, ''ଏହା ଗୋଟିଏ ପୋଷ୍ଟ ଅଫିସ । ଏଠାରେ ପୋଷ୍ଟକାର୍ଡ୍, ଲଫାପା, ଅନ୍ତର୍ଦ୍ଦେଶୀୟ ପତ୍ର, ଟେଲିଗ୍ରାମ୍ ଫର୍ମ ଇତ୍ୟାଦି ମିଳେ । ଦୂରଜାଗାକୁ ଟଙ୍କା ପଠାଇବା ଓ ଖବର ପଠାଇବାରେ ପୋଷ୍ଟ ଅଫିସ ସାହାଯ୍ୟ କରେ । ଆଜିକାଲି ମୋବାଇଲ୍ ଫୋନ୍‌ରେ ବହୁତ ଦୂର ଜାଗାକୁ କମ୍ ସମୟରେ ଖବର ପଠାଯାଇ ପାରୁଛି ।"

କିଛିବାଟ ଗଲାପରେ ଅନୁଷ୍କା ମସ୍‌ଜିଦ୍‌ଟିଏ ଦେଖି ପଚାରିଲା, "ମା', ଏଇଟା କ'ଣ ?" ମା' କହିଲେ "ଏ ହେଉଛି ମସ୍‌ଜିଦ୍ । ମୁସଲମାନମାନେ ଏଠି ପ୍ରାର୍ଥନା କରନ୍ତି । ହିନ୍ଦୁମାନେ ମନ୍ଦିରରେ ପୂଜାପାଠ କରନ୍ତି । ଭଜନ କୀର୍ତ୍ତନ କରନ୍ତି । ସେଭଳି ଖ୍ରୀଷ୍ଟିୟାନ୍‌ମାନେ ଗିର୍ଜାରେ ପ୍ରାର୍ଥନା କରନ୍ତି । ଶିଖ୍‌ମାନେ ଗୁରୁଦ୍ୱାରରେ ପ୍ରାର୍ଥନା କରନ୍ତି । ମସ୍‌ଜିଦ୍, ମନ୍ଦିର, ଗିର୍ଜା, ଗୁରୁଦ୍ୱାର ଗୋଟିଏ ଗୋଟିଏ ଧର୍ମ ଅନୁଷ୍ଠାନ । ସବୁ ଧର୍ମ ସମାନ । କେହି ସାନ ବଡ଼ ନୁହନ୍ତି ।"





# ମସ୍‌ଜିଦ୍‌



# ମନ୍ଦିର

ODM
EDUCATIONAL GROUP
Changing your Tommorrow



# ଗୀର୍ଜା



# ଗୁରୁଦ୍ୱାର







ଅନୁଷ୍କା ପଚାରିଲା, "ମା', ଆମେ ପୋଷାକ କିଣିବାନାହିଁ କି ?" ତିଲୋତ୍ତମା ଦେବୀ ଉତ୍ତର ଦେଲେ "ହଁ, ଆମେ ତ ଆସି ବଜାର ପାଖରେ ପହଞ୍ଚିଗଲେ ।"

ଅନୁଷ୍କା କହିଲା, "ମା', ତୁମେ ଯେଉଁ ହାଟକୁ ଯାଅ ସେଇଟା ପୁଣି କ'ଣ ?" ତିଲୋତ୍ତମା ଦେବୀ କହିଲେ, "ହାଟ ସାତଦିନରେ ଥରେ ବା ଦୁଇଥର ବସେ । ବିଭିନ୍ନ ପ୍ରକାରର ଜିନିଷ ମିଳେ । ବିଭିନ୍ନ ଅଞ୍ଚଳରୁ ଲୋକମାନେ ଆସି କିଣାବିକା କରନ୍ତି । ହାଟ ସରିଲା ପରେ ଦୋକାନଗୁଡ଼ିକ ସବୁ ଉଠିଯାଏ । ଗୋଟିଏ ଜାଗାରେ ବିଭିନ୍ନ ପ୍ରକାରର ଦୋକାନ ଥିଲେ ତାକୁ ବଜାର କହନ୍ତି । ଏହା ସବୁଦିନ ଖୋଲାରୁହେ ।" ତା'ପରେ ଅନୁଷ୍କାର ଜାମା କିଣା ହେଲା । ସେ ଖୁସିମନରେ ଘରକୁ ଫେରିଲା ।

PATHAGARA.ODIAPORTAL.IN By Odia Portal



ODM EDUCATIONAL GROUP

# ହାଟ





# ଅଭ୍ୟାସ -୧ ଯୁକ୍ତାକ୍ଷର ଶବ୍ଦଗୁଡ଼ିକୁ ପଢ଼

| | | | |
|---|---|---|---|
| ନଷ୍ଟ | ଶୁଷ୍କ | ବୃତ୍ତ | ଷଷ୍ଠ |
| କଷ୍ଟ | କନିଷ୍କ | ଉତ୍ତାପ | ଓଷ୍ଠ |
| ମୁଷ୍ଟି | ପରିଷ୍କାର | କାର୍ତ୍ତିକ | ଶ୍ରେଷ୍ଠ |
| ଦୁଷ୍ଟ | ପୁଷ୍କରିଣୀ | ଉତ୍ତମ | ନିଷ୍ଠା |



ODM EDUCATIONAL GROUP
Changing your Tomorrow

# ଅଭ୍ୟାସ -୨ ଯୁକ୍ତାକ୍ଷର ଶବ୍ଦଗୁଡିକୁ ପଢ଼ ଓ ଲେଖ

| | |
|---|---|
| ସନ୍ତୁଷ୍ଟ ______ | ଆବିଷ୍କାର ______ |
| ବୃଷ୍ଟି ______ | ପୁରସ୍କାର ______ |
| ଦୁଷ୍ଟ ______ | ଅପରିଷ୍କାର ______ |
| କଷ୍ଟ ______ | ବଶିଷ୍ଠ ______ |
| ଶର୍ମିଷ୍ଠା ______ | ଦେବଦତ୍ତ ______ |
| କନିଷ୍ଠ ______ | ଉତ୍ତର ______ |

ODM EDUCATIONAL GROUP
Changing your Tomorrow

# ଅଭ୍ୟାସ -୩ ଯୁକ୍ତାକ୍ଷର ଅନୁଯାୟୀ ଶବ୍ଦଗୁଡିକୁ ତଳ କୋଠରୀକୁ ନିଅ

| ଷ୍ଟ | ଷ୍କ | ଷ୍ଠ | ତ୍ତ |
|---|---|---|---|
| ବୃଷ୍ଟି | ଶୁଷ୍କ | ଓଷ୍ଠ | ଉତ୍ତର |
| ସୃଷ୍ଟି | କନିଷ୍କ | ନିଷ୍ଠା | ଉତ୍ତାପ |
| ଚେଷ୍ଟା | ପୁଷ୍କରିଣୀ | ଜ୍ୟେଷ୍ଠ | ବୃତ୍ତି |
| ଦୁଷ୍ଟ | ନିଷ୍କାସନ | | |
| ଶିଷ୍ଟ | | | |

ODM EDUCATIONAL GROUP

# ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।

ODM EDUCATIONAL GROUP
Changing your Tommorrow

୧ –ପୁରୁଷୋତ୍ତମପୁର ଗାଁରେ କାହାର ଘର ?

୨–କାହାକୁ ଧରି ତିଳୋତ୍ତମା ଦେବୀ ବଜାର ବାହାରିଲେ?

୩ – ବାଟରେ ପ୍ରଥମେ ଅନୁଷ୍କା କଣ ଦେଖିଲା ?

୪ –ପୋଷ୍ଟ ଅଫିସ ରେ କଣ କଣ ମିଳେ ?

୫ –ଆଜିକାଲି ଆମେ କାହା ସାହାଯ୍ୟରେ କମ ସମୟ ମଧ୍ୟରେ ଦୂର ଜାଗାକୁ ଖବର ପଠାଇ ପାରୁଛେ ?

୬ – ମୁସଲମାନ ମାନେ କେଉଁଠାରେ ପ୍ରାର୍ଥନା କରନ୍ତି ?

୭ – ଖ୍ରୀଷ୍ଟିୟାନ୍‌ମାନେ କେଉଁଠାରେ ପ୍ରାର୍ଥନା କରନ୍ତି ?

୮ –ହିନ୍ଦୁ ମାନେ କେଉଁଠାରେ ପୂଜାପାଠ କରନ୍ତି ?

୯-ବଜାର କାହାକୁ କହନ୍ତି ଓ ହାଟ କାହାକୁ କହନ୍ତି ?

# ଗୃହକର୍ମ

ଅଭ୍ୟାସ -୪ (କ ରୁ ଙ)ପର୍ଯ୍ୟନ୍ତ ବାକ୍ୟ ଗୁଡିକୁ ଖାତାରେ ଲେଖ |



# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ ଓ ଲିଖନ ଶୈଳୀର ଅଭିବୃଦ୍ଧି ଘଟିବ |



THANKING YOU

ODM EDUCATIONAL GROUP